# NATIONAL NEWS BULLETIN (ODIA)

**11 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୟୁନାନି ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି

- ଭାରତ ଶକ୍ତି ସପ୍ତାହ-୨୦୨୫କୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ,

– କହିଲେ ଭାରତ ନିଜର ଅଭିବୃଦ୍ଧି ସହ ବିଶ୍ୱର ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରୁଛି ।

- ଫ୍ରାନ୍ସରେ କୃତ୍ରିମ ବୁଦ୍ଧିମତ୍ତା ଶିଖର ସମ୍ମିଳନୀରେ ଆଜି ସହ-ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ

- ସମନ୍ୱୟ, ସହଯୋଗ, ସାମର୍ଥ୍ୟ ଓ ଯୋଗାଯୋଗ ଉପରେ ଗୁରୁତ୍ୱ ଦେଇ ସାଇବର ଅପରାଧର ମୁକାବିଲା କରୁଛନ୍ତି ସରକାର, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ଏବଂ

- ଦିଲ୍ଲୀ ଓପନ୍ ଟେନିସ୍ ପୁରୁଷ ଏକକ ବର୍ଗର ପ୍ରଥମ ରାଉଣ୍ଡରେ ଫ୍ରାନ୍ସକୁ ପରାସ୍ତ କଲା ଭାରତ ।

## ପ୍ରେଜ୍-ୟୁନାନି ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୟୁନାନି ଦିବସ ଅବସରରେ ଦୁଇ ଦିନିଆ ଆର୍ନ୍ତଜାତିକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ପ୍ରଖ୍ୟାତ ୟୁନାନି ଚିକିତ୍ସକ, ଶିକ୍ଷକ ଏବଂ ସ୍ୱାଧୀନତା ସଂଗ୍ରାମୀ ହକିମ୍ ଅଜମଲ ଖାଁଙ୍କ ଜୟନ୍ତୀକୁ ପ୍ରତିବର୍ଷ ଫେବୃୟାରୀ ୧୧ ତାରିଖରେ ୟୁନାନି ଦିବସ ଭାବେ ପାଳନ କରାଯାଏ । ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ୟୁନାନି ଔଷଧ ଗବେଷଣା କେନ୍ଦ୍ରୀୟ ପରିଷଦ ଦ୍ୱାରା ଆୟୋଜିତ ହେଉଥିବା ଏହି ଦୁଇ ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି – "ସମନ୍ୱିତ ସ୍ୱାସ୍ଥ୍ୟ ସମାଧାନ ପାଇଁ ୟୁନାନି ଔଷଧର ନୂତନତା – ଆଗକୁ ଯିବାର ବାଟ" । ବିଶ୍ୱ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ନିମନ୍ତେ ୟୁନାନି ଔଷଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀ ଏକ ସଫଳ ମଞ୍ଚ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଉପସ୍ଥିତ ରହିବେ ।

## ପିଏମ୍ ଏନର୍ଜି ୱିକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ଏକଦଶନ୍ଧି ମଧ୍ୟରେ ଭାରତ ଦଶମ ସ୍ଥାନରୁ ଅଗ୍ରଗତି କରି ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି । ଆଜି ସକାଳେ ଦ୍ୱାରକାର ଯଶୋଭୂମିରେ ଭାରତୀୟ ଶକ୍ତି ସପ୍ତାହ-୨୦୨୫କୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ସୌରଶକ୍ତି ଉତ୍ପାଦନ କ୍ଷମତା ୩୨ ଗୁଣ ବୃଦ୍ଧି ପାଇଛି । ସେ କହିଛନ୍ତି ଭାରତ ଏବେ ତୃତୀୟ ବୃହତ୍ତମ ସୌରଶକ୍ତି ଉତ୍ପାଦନକାରୀ ରାଷ୍ଟ୍ରରେ ପରିଣତ ହୋଇଛି । ଅଣ-ଜୀବାଶ୍ମ

ଇନ୍ଧନ ସଂପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି କ୍ଷମତା ତିନିଗୁଣ ବୃଦ୍ଧି ପାଇଛି । ପ୍ୟାରିସ୍ ଜି-୨୦ ବୁଝାମଣା ଅନୁଯାୟୀ ଲକ୍ଷ୍ୟ ପୂରଣ କ୍ଷେତ୍ରରେ ଭାରତ ପ୍ରଥମ ଦେଶ ପାଲଟିଛି ବୋଲି ସେ କହିଛନ୍ତି । **V/O**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ନିଜର ଅଭିବୃଦ୍ଧି ସହ ବିଶ୍ୱର ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରୁଛି । ଏ କ୍ଷେତ୍ରରେ ଦେଶର ଶକ୍ତିକ୍ଷେତ୍ର ଗୁଡ଼ିକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତର ଜୈବ ଇନ୍ଧନ ଶିଳ୍ପ ଦ୍ରୁତଗତିରେ ବିକାଶ ଲାଭ କରିବା ଲାଗି ପ୍ରସ୍ତୁତ ରହିଛି । ଦେଶରେ ୫ଶହ ନିୟୁତ ମେଟ୍ରିକ୍ ଟନ୍ ସ୍ଥାୟୀ ଫିଡ୍‌ଷ୍ଟକ୍ ରହିଥିବା ଶ୍ରୀ ମୋଦୀ କହିଛନ୍ତି ।

ଇଥାନଲ୍ ସଂପର୍କରେ ଶ୍ରୀ ମୋଦୀ କହିଛନ୍ତି, ଭାରତରେ ବର୍ତ୍ତମାନ ୧୯ ପ୍ରତିଶତ ଇଥାନଲ୍ ମିଶ୍ରଣ କରାଯାଉଛି, ଯାହା ଦେଶର ବୈଦେଶିକ ମୁଦ୍ରା ସଂଚୟ କରିବା ସହ କୃଷକମାନଙ୍କ ପାଇଁ ରାଜସ୍ୱ ସୃଷ୍ଟି କରୁଛି । ଏହାଛଡ଼ା ଅଙ୍ଗାରକାମ୍ଳ ନିର୍ଗମନ ଯଥେଷ୍ଟ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ଚଳିତବର୍ଷ ଅକ୍ଟୋବର ପୂର୍ବରୁ ଭାରତ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି । **V/O**

ପ୍ରଧାନମନ୍ତ୍ରୀ ଏହି ଅବସରରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଛନ୍ତି, ଦେଶ ସ୍ଥାନୀୟ ଯୋଗାଣ ଶୃଙ୍ଖଳା ଏବଂ ଉତ୍ପାଦନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଉଛି । ବିକଶିତ ଭାରତ ପାଇଁ ଆସନ୍ତା ଦୁଇ ଦଶନ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆସନ୍ତା ୫ ବର୍ଷ ମଧ୍ୟରେ ଦେଶ

ଅନେକ ଗୁଡ଼ିଏ ପ୍ରମୁଖ ଲକ୍ଷ୍ୟ ହାସଲ ଲାଗି ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି । ଗତ ଦଶବର୍ଷ ମଧ୍ୟରେ ଆମେ ଯେଉଁ ଉପଲବ୍ଧି ହାସଲ କରିଛେ, ତାହା ବିକଶିତ ଭାରତ ଲକ୍ଷ୍ୟ ହାସଲ ନିମନ୍ତେ ଆତ୍ମବିଶ୍ୱାସ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ।

## ହରଦୀପ ପୁରୀ

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଅର୍ଥନୀତି ଏବଂ ସମାଜର ଭବିଷ୍ୟତକୁ ଆକାର ଦେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ୱଚ୍ଛ ରୋଷେଇ ପ୍ରମୁଖ ଶକ୍ତି ଚାହିଦା ମୁଖ୍ୟ ଉପାଦାନ ଭାବରେ ଉଭା ହେଉଛି । ଭାରତ ଶକ୍ତି ସପ୍ତାହ ଉଦ୍‌ଘାଟନୀ ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ପୁରୀ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଏବେ ବୃହତ୍ତମ ଶକ୍ତି ଉପଭୋକ୍ତା ଭାବରେ ଉଭା ହୋଇଛି ଏବଂ ୨୦୩୦ ସୁଦ୍ଧା ଡାଟା ସେଣ୍ଟରରର ବାର୍ଷିକ ଚାହିଦା ୧୮ରୁ ୨୦ ପ୍ରତିଶତ ବୃଦ୍ଧି ପାଇବ । ସେ କହିଛନ୍ତି ୨୦୩୦ ସୁଦ୍ଧା କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଅର୍ଥନୀତି ୪ଶହ ବିଲିୟନ୍ ଡଲାର ଅତିକ୍ରମ କରିବ । ଶ୍ରୀ ପୁରୀ କହିଛନ୍ତି, ସହର ଗୁଡ଼ିକରେ ଗ୍ୟାସ ସଂପ୍ରସାରଣ ଏବଂ ସୌର ରୋଷେଇ ଉପାଦାନ ଜୀବନ ଶୈଳୀକୁ ପରିବର୍ତ୍ତନ କରିବ ।

ଏହି ଅବସରରେ ସେ ଏକ ସ୍ଥିର ଅର୍ଥପୂର୍ଣ୍ଣ ଶକ୍ତି ବଜାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଚାରିଦିନିଆ ସମ୍ମିଳନୀରେ ଭବିଷ୍ୟତ ପାଇଁ ବିକାଶ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ଉପରେ ଶ୍ରୀ ପୁରୀ ଗୁରୁତ୍ୱ

ଦେଇଛନ୍ତି। ପ୍ରାୟ ୬ ହଜାର ଅତିଥି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାପଡ଼ିଛି । ଶ୍ରୀ ପୁରୀ କହିଛନ୍ତି, ଭାରତ ଶକ୍ତି ସପ୍ତାହ ତୃତୀୟ ବର୍ଷରେ ପଦାର୍ପଣ କରିଥିବା ବେଳେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଶକ୍ତି କାର୍ଯ୍ୟକ୍ରମରେ ପରିଣତ ହୋଇଛି । ଏଥିରେ କତାର, ବ୍ରିଟେନ୍, ରୁଷ୍, ବ୍ରାଜିଲ, ତାଞ୍ଜାନିଆ ଏବଂ ଭେନ୍‌ଜୁଆଲା ସମେତ ୨୦ରୁ ଅଧିକ ଦେଶର ଶକ୍ତିମନ୍ତ୍ରୀ ଓ ପ୍ରତିନିଧିମାନେ ଯୋଗ ଦେଇଛନ୍ତି । ଏହି ସମ୍ମିଳନୀରେ ୧୦୦ରୁ ଅଧିକ ଷ୍ଟାର୍ଟଅପ୍ ଓ ୭୦୦ରୁ ଅଧିକ ପ୍ରଦର୍ଶନୀ ସ୍ଥାନୀତ ହୋଇଛି ।

## ପିଏମ୍-ଫ୍ରାନ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱସ୍ତରୀୟ କୃତ୍ରିମ ବୁଦ୍ଧିମତ୍ତା ମାନକ ପ୍ରତିଷ୍ଠା ଏବଂ ଦାୟିତ୍ୱପୂର୍ଣ୍ଣ ଭାବେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ । ଭାରତ-ଫ୍ରାନ୍ସ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ମଧ୍ୟ ଆଲୋଚନା ସହ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ପ୍ରଧାନମନ୍ତ୍ରୀ କୃତ୍ରିମ ବୁଦ୍ଧିମତ୍ତା ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ନେତାମାନଙ୍କ ସହ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ରାତ୍ରି ଭୋଜନରେ ଯୋଗଦେଇଥିଲେ ।

ରାତ୍ରି ଭୋଜନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି ।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସରେ ଭାରତୀୟ ଦୂତାବାସକୁ ଉଦ୍‌ଘାଟନ କରିବେ । ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପ୍ରଧାନମନ୍ତ୍ରୀ ଆନ୍ତର୍ଜାତିକ ଥର୍ମୋନ୍ୟୁକ୍ଲିୟର୍ ପରୀକ୍ଷଣ ରିଆକ୍ଟର ପ୍ରକଳ୍ପ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ଭାରତୀୟ ସୈନିକମାନଙ୍କୁ ମଜାରଗସ୍ ଯୁଦ୍ଧ କବରସ୍ଥଳୀରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ ।

ଫ୍ରାନ୍ସ ଗସ୍ତ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଆମେରିକା ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।

## ଏଲଏସ୍-ପିଏମ୍ ଏସ୍‌ଜେୱାଇ

୨୦୦୨ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆରମ୍ଭ ହେବା ପରଠାରୁ ଦେଶରେ ୭ ଲକ୍ଷ ୭୨ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା କେନ୍ଦ୍ର ସରକାର ସୂଚନା ଦେଇଛନ୍ତି । ଆଜି ଲୋକସଭାରେ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶ୍ୱାନ କହିଛନ୍ତି, ଏହି ଯୋଜନା ଯୋଗୁଁ ଗ୍ରାମାଞ୍ଚଳରେ ୧ ଲକ୍ଷ ୬୩ ହଜାର ବସ୍ତିକୁ ସଡ଼କ ସଂଯୋଗ କରାଯାଇ ପାରିଛି । ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୨୫

ହଜାରରୁ ଅଧିକ ବସ୍ତିକୁ ସଡ଼କ ସଂଯୋଗ ପ୍ରଦାନ କରିବା ଲାଗି ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି ।

ସେ କହିଛନ୍ତି ଦେଶର ଗ୍ରାମାଞ୍ଚଳରେ ଏଭଳି ଅନେକ ସ୍ଥାନ ଅଛି, ଯେଉଁଠାରେ ଏପର୍ଯ୍ୟନ୍ତ ସଡ଼କ ସଂଯୋଗ କରାଯାଇ ନାହିଁ ।

## ଆର୍‌ଏସ୍‌-ହେଲ୍‌ଥ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି ନଡ୍ଡା କହିଛନ୍ତି, ଦେଶର ଆଦିବାସୀ ଅଞ୍ଚଳରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରିବା ଲାଗି କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟସଭାରେ ଆଜି ଏ ସଂପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀ ନଡ୍ଡା କହିଛନ୍ତି, ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟାର ଯାଞ୍ଚ ଏବଂ ଚିକିତ୍ସା ଯୋଗାଣ ପାଇଁ ସୁଦୃଢ଼ ବ୍ୟବସ୍ଥା ରହିଛି । ସାରା ଦେଶରେ ଥିବା ୧ ଲକ୍ଷ ୪୫ ହଜାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ନିୟମିତ ଭାବେ ମଧୁମେହ, ରକ୍ତଚାପ, ମୁଖ ଓ ଦନ୍ତରୋଗ, ସ୍ତନ କର୍କଟ ଏବଂ ମେରୁଦଣ୍ଡ କର୍କଟ ଆଦି ରୋଗର ନିୟମିତ ଯାଞ୍ଚ କରାଯାଉଛି । ଏହାଛଡ଼ା ଆଦିବାସୀ ବହୁଳ ଅଞ୍ଚଳରେ ରହି ଚିକିତ୍ସା ସେବା ଯୋଗାଇଦେବା ପାଇଁ ଡାକ୍ତରମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସେ କହିଛନ୍ତି ଦେଶରେ ମାତୃମୃତ୍ୟୁହାର ହ୍ରାସ ପାଇଛି ।

# ଶାହା-ସାଇବର କ୍ରାଇମ୍

କେନ୍ଦ୍ର ସରକାର ସମନ୍ୱୟ, ସହଯୋଗ, ଯୋଗାଯୋଗ ଏବଂ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେଇ ସାଇବର ଅପରାଧର ମୁକାବିଲା କରୁଛନ୍ତି । ନୂଆଦିଲ୍ଲୀରେ  ସାଇବର ସୁରକ୍ଷା ଏବଂ ସାଇବର ଅପରାଧ ପ୍ରସଙ୍ଗରେ ଗୃହ ମନ୍ତ୍ରଣାଳୟର ସଂସଦୀୟ ପରାମର୍ଶଦାତା କମିଟି ବୈଠକକୁ ସମ୍ବୋଧିତ କରି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହା କହିଛନ୍ତି । ସେ କହିଛନ୍ତି, ସାଇବର ଅପରାଧ ସମସ୍ତ ଭୌଗୋଳିକ ସୀମା ଅତିକ୍ରମ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଡିଜିଟାଲ୍ ବିପ୍ଲବକୁ ସଫଳ କରିବା ଲାଗି ଉଦ୍ୟମ କରୁଛି ଏବଂ ଭାରତକୁ ସାଇବର ସୁରକ୍ଷିତ ରାଷ୍ଟ୍ରରେ ପରିଣତ କରିବା ଲାଗି ଗୃହ ମନ୍ତ୍ରଣାଳୟ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛି ।

ଶ୍ରୀ ଶାହା’ ଜନସାଧାରଣଙ୍କ ମଧ୍ୟରେ ସାଇବର ଅପରାଧ ରୋକିବା ନିମନ୍ତେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ସାଇବର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରିବା ଲାଗି ପ୍ରୟାସ ଚାଲିଛି ।

ପ୍ରଧାନମନ୍ତ୍ରୀଙ୍କ ଷ୍ଟପ୍, ଥିଙ୍କ୍, ଟେକ୍ ଆକ୍ସନ ମନ୍ତ୍ର ଉପରେ  ସଚେତନତା ସୃଷ୍ଟି ଲାଗି ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି ।

# ନିତି ଆୟୋଗ ରିପୋର୍ଟ୍

ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରି ଏବଂ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍ ଏବଂ ସଦସ୍ୟ ଡକ୍ଟର ବିନୋଦ କୁମାର ପଲ୍ ରାଜ୍ୟ ଏବଂ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଗୁଣାତ୍ମକ ଉଚ୍ଚଶିକ୍ଷାର ସମ୍ପ୍ରସାରଣ ସମ୍ପର୍କିତ ରିପୋର୍ଟ ଉନ୍ମୋଚନ କରିଛନ୍ତି । ଏହି ରିପୋର୍ଟରେ ଥିବା ସୁପାରିଶ ଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରଣାଳୟ ଗୁଡ଼ିକ କାର୍ଯ୍ୟକାରୀ କରିବେ ବୋଲି ଶ୍ରୀ ବେରୀ ଆଶା ବ୍ୟକ୍ତ କରିଛନ୍ତି । ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଏବଂ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଗୁଣବତ୍ତା ବିକାଶ ପାଇଁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ଅନ୍ୟ ପକ୍ଷରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ହେଉଛି ୨୦୩୫ ସୁଦ୍ଧା ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ନାମ ଲେଖାକୁ ଦ୍ୱିଗୁଣିତ କରି ୯କୋଟିରେ ପହଞ୍ଚାଇବା । ଶ୍ରୀ ସୁବ୍ରମଣ୍ୟମ ଏହି ରିପୋର୍ଟକୁ ନୀତି ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ବୋଲି ବର୍ଣ୍ଣନା କରିବା ସହ ଦେଶରେ ଉଚ୍ଚଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନରେ ଏହା ସହଯୋଗ କରିବ ବୋଲି କହିଛନ୍ତି ।

ଅନ୍ୟ ପକ୍ଷରେ ନୀତି ଆୟୋଗ ସଦସ୍ୟ ଡକ୍ଟର ବିନୋଦ କୁମାର ପଲ୍ ଏହି ରିପୋର୍ଟକୁ ନୂତନ ଶିକ୍ଷାନୀତିର କାର୍ଯ୍ୟକାରିତା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ବର୍ଣ୍ଣନା କରିଛନ୍ତି । ସେ

କହିଛନ୍ତି, ଦେଶରେ ମାନବ ସମ୍ବଳ ବୃଦ୍ଧି ଏବଂ ଭାରତକୁ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଲାଗି ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସଂସ୍କାର ଜରୁରୀ ।

# ଟେନିସ୍

ଦିଲ୍ଲୀ ଓପନ୍ ଟେନିସ୍‌ର ପୁରୁଷ ଏକକ ବର୍ଗର ପ୍ରଥମ ରାଉଣ୍ଡରେ ମୁକୁନ୍ଦ ଶଶିକୁମାର ୪-୬, ୬-୨, ୬-୦ରେ ଫ୍ରାନ୍ସର ଶାଶ୍ଚା ଗୁଏମାଡଙ୍କୁ ପରାସ୍ତ କରିଛନ୍ତି । ଶଶିକୁମାର ପ୍ରଥମ ସେଟ୍‌ରେ ହାରିବା ପରେ ପରବର୍ତ୍ତୀ ଦୁଇଟି ସେଟ୍‌ରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ । ଆଜି ଅପରାହ୍ନରେ ପୁରୁଷ ଏକକ ବର୍ଗରେ ଭାରତର ରାମ କୁମାର ରାମନାଥନ୍, ଚେକ୍ ଗଣରାଜ୍ୟର ଡାଲିବୋର୍ ସ୍ୱରସିନାଙ୍କ୍ ସହ ପ୍ରତିଦ୍ୱନ୍ଦିତା କରିବେ ।